# ତହସିଲ କାର୍ଯ୍ୟାଳୟ, ଲଖନପୁର,ଜିଲ୍ଲା- ଝାରସୁଗୁଡା

**ବିଜ୍ଞାପନ ସଂଖ୍ୟା 3543 ତା.-୦୯/୦୯/୨୦୨୨**

**(ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ଇସ୍ତାହାର)**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ଵ ବିଭାଗ ଅଧିନସ୍ଥ ଝାରସୁଗୁଡା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସାରଣିଭୁକ୍ତ ଲଘୁ ଖଣିଜ ଉତ୍ସଗୁଡିକର OMMC Rules- 2016 ମୁତାବକ ଆସନ୍ତା ୫ (ପାଞ୍ଚ) ବର୍ଷ (୨୦୨୨-୨୩ ଠାରୁ ୨୦୨୬-୨୭) ନିମନ୍ତେ ଲିଜ୍ ପାଇଁ ତହସିଲଦାର ଲଖନପୁର ଦ୍ଵାରା ଦରଖାସ୍ତ ଆହ୍ଵାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules- 2016 ଦ୍ଵାରା ପ୍ରଣୀତ **Form- M** ପୂରଣ କରି ୩(ତିନି) କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଯଉମୁଦ ଲଫାଫା (sealed Cover) ଉପରେ ସୈରାତ୍ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ, ଯାହାକି ନିମ୍ନସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. **୨୬.୦୯.୨୦୨୨** ରିଖ **୫.୩୦** ଘଟିକା ସୁଦ୍ଧା ତହସିଲ ଅଫିସ୍ ରେ ଥିବା Drop Box ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଅଛି ।ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। Tender Box/Drop Box ତା. ୨୭.୦୯.୨୦୨୨ ରିଖ ପୂର୍ବାହ୍ନ **୧୧.୦୦** ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ଖୋଲାଯାଇ ତନଖି କରାଯାଇ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯେଉଁ ସୈରାତ୍ ଉତ୍ସଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖ ରେ ଆବେଦନପତ୍ର ମିଳିନଥିବ କିମ୍ବା ପ୍ରଥମ ଦିନ ଲିଜ ଚୁଡାନ୍ତ ହୋଇ ନ ପାରିବ ସେହି ଉତ୍ସଗୁଡିକ ପାଇଁ ଦ୍ଵିତୀୟ ଥର ତା. ୦୬.୧୦.୨୦୨୨ ତୃତୀୟ ଥର ତା.୧୪.୧୦.୨୦୨୨ ମଧ୍ୟାହ୍ନ ୧୨.୦୦ ଘଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଅଛି, ଉକ୍ତ ଦିନ ଅପରାହ୍ନ ୩.୦୦ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସଂପୂର୍ଣ ଦରଖାସ୍ତଗୁଡିକ ବାତିଲ୍ କରାଯିବ ।ଏହାର ସବିଶେଷ ବିବରଣୀ ଜିଲ୍ଲା Website (www.Jharsuguda.nic.in) ରେ ଉପଲବ୍ଧ।

09/09/2022

ତହସିଲଦାର,ଲଖନପୁର

TAHASILDAR
LAKHANPUR

Office of the Tahasildar ★ Lakhanpur ★

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

୧)ଦରଖାସ୍ତ ଶୁଳ୍କ ବାବଦ ଟ. ୧୦୦୦.୦୦(ଏକ ହଜାର ଟଙ୍କା) ମାତ୍ର ଅଣଫେରସ୍ତ ଟ୍ରେଜେରୀ ଚାଲାଣ (Head of Account-0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties) ।

୨) ବିଜ୍ଞାପନରେ ପ୍ରକାଶିତ ସୈରାତ୍ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ଦରଖାସ୍ତ ସହ ସଲଗ୍ନ କରିବେ ।

୩) ଦରଖାସ୍ତକାରୀ ନିଜ ସପକ୍ଷରେ ସୈରାତ ଉତ୍ସ/ ମାଇନଂ ବାବଦୀୟ କୌଣସି ବକେୟା ଦେୟ ପୈଠକରିବାକୁ ନଥିବା ନେଇ ଏକ ସତ୍ୟପାଠ(Affidavit) ଦାଖଲ କରିବେ ।

୪) ଦରଖାସ୍ତ କରୁଥିବା ସୈରାତ୍ ବାବଦକୁ ଅମାନତ ରାଶି (Earnest Money) ପାଇଁ ବ୍ୟାଙ୍କ ଡ୍ରାଫ୍ଟ/Demand Draft(in favor of Tahasildar, Lakhanpur) ମାଧ୍ୟମରେ ତହସିଲଦାର ଲଖନପୁରଙ୍କ ନାମରେ ପ୍ରଦାନ କରିବେ ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Additional Charge) ଏବଂ Royalty(ଏକ ବର୍ଷ) ର ୫% ଠାରୁ କମ ହୋଇନଥିବ । (EMD = 5% of {Minimum guarantee quantity x (Royalty +Additional Charge) }

୫) ପୂର୍ବ ଆର୍ଥିକ ବର୍ଷର Income Tax Returns ଯେଉଁଥିରେ ଉଲ୍ଲେଖ ଥିବା ବାର୍ଷିକ ଆୟ ଯାହାକି ଦରଖାସ୍ତ କରୁଥିବା ସୈରାତ୍ ଉତ୍ସରେ ବାର୍ଷିକ ମୂଲ୍ୟ . (Minimum guarantee quantity X (Royalty + Additional Charge) ଠାରୁ ଅଧିକ ହୋଇଥିବା ଆବଶ୍ୟକ କମ୍ବା ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ୍ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ୍ ଉତ୍ସରେ ବାର୍ଷିକ ମୂଲ୍ୟ (Minimum guarantee quantity X (Royalty + Additional Charge) ଠାରୁ ଅଧିକ ହୋଇଥିବା ଆବଶ୍ୟକ ।

୬) ଦରଖାସ୍ତକାରୀ ବୈଧ GST ପଞ୍ଜୀକରଣ ପ୍ରମାଣ ପତ୍ର ର ନକଲ ଦାଖଲ କରିବେ । ଦରଖାସ୍ତକାରୀ ନିଜ ସପକ୍ଷରେ କୌଣସି ବକେୟା ଦେୟ ପୈଠକରିବାକୁ ନଥିବା ନେଇ ସମ୍ପୃକ୍ତ GST ଅଧିକାରୀ ଙ୍କ ଠାରୁ ଏକ ପ୍ରମାଣପତ୍ର/ଚଠି ଦାଖଲ କରିବେ ।

୭) ଦରଖାସ୍ତକାରୀ ଆଧାର ପ୍ରମାଣ ପତ୍ର, PAN card ର ଅବିକଳ ନକଲ ଦାଖଲ କରିବେ ।

09/09/2022

TAHASILDAR
LAKHANPUR

Office of the Tahasildar
Lakhanpur

# ବିଶେଷ୍ ସର୍ତାବଳୀ

୧) ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନୟମାବଳୀ-2016( OMMC Rules-2016 ), Odisha Sand Policy 2021 ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ ।

୨) ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକ ପରିଦର୍ଶନ କରି ପରିଗ୍ଚଳନା ପାଇଁ ଗମନାଗମନ ସୁବିଧା, ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ।ଲିଜଧାରୀ ରାସ୍ତାଘାଟ ଏବଂ ଗମନାଗମନ ସୁବିଧା ପାଇଁ ନଜେ ଦାୟୀ ରହିବେ । ଲିଜ୍ ନେବା ପରେ ସୈରାତ୍ ଚଲାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩) ଲିଜ୍ ସୁତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ପ୍ରଚଳିତ ନୟମାବଳୀ ଅନୁଯାୟୀ ରୟାଲ୍ଟି ଓ ଅତିରିକ୍ତ ଦେୟ **(Additional Charge)** (ଯାହାକ ଜିଲ୍ଲା ସ୍ତରୀୟ କମିଟି ଏବଂ ଜିଲ୍ଲାପାଳ, ଝାରସୁଗୁଡା ଙ୍କ ଦ୍ୱାରା ଅନୁମୋଦିଦ ପରିମାଣ) ମୁଲ୍ୟଠାରୁ କମ୍ ମୁଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅନ୍ୟୁନ ରୟାଲ୍ଟି ହାର, ପଥର ଟ. ୧୩୦.୦୦ ଓ 1 cum ପ୍ରତି ଅତିରିକ୍ତ ଦେୟ (Additional Charge) ପଥର ଟ. ୭୭.୦୦ ଧାର୍ଯ୍ୟ କରାଯାଇଛି ଏବଂ ବାଲି ରୟାଲ୍ଟି ହାର ଟ. ୩୫.୦୦ ଓ 1 cum ପ୍ରତି ଅତିରିକ୍ତ ଦେୟ (Additional Charge) ବାଲି ଟ.୫୨.୦୦ ଧାର୍ଯ୍ୟ କରାଯାଇଛି ।

**Illustration:-**

୧ cum ପଥର ପ୍ରତି ରୟାଲ୍ଟି ମୁଲ୍ୟ ଟ. ୧୩୦.୦୦ ଏବଂ ୧ cum ପଥର ପ୍ରତି ଅତିରିକ୍ତ ଦେୟ (Additional charges)ଟ. ୭୭.୦୦ = ଟ. ୨୦୭.୦୦

୧ cum ବାଲି ପ୍ରତି ରୟାଲ୍ଟି ମୁଲ୍ୟ ଟ. ୩୫..୦୦ ଏବଂ ୧ cum ବାଲି ପ୍ରତି ଅତିରିକ୍ତ ଦେୟ(Additional Charges) ଟ. ୫୨.୦୦ = ଟ. ୮୭.୦୦

୪) ପ୍ରଚଳତ ନୟମ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) (ଯାହାକ ଜିଲ୍ଲା ସ୍ତରୀୟ କମିଟି ଏବଂ ଜିଲ୍ଲାପାଳ, ଝାରସୁଗୁଡା ଙ୍କ ଦ୍ୱାରା ଅନୁମୋଦିଦ ପରିମାଣ) ର ମୁଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଥିବା ନଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୁଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୫) ଯଦି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ୍ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

TAHASILDAR
LAKHANPUR

Office of the Tahasildar Lakhanpur

୬) ଲିଜ୍ ନମନ୍ତେ ଯୋଗ୍ୟ ଦରଖାସ୍ତକାରୀ ସୈରାତ୍ ଉତ୍ସର ବାର୍ଷିକ ଦେୟ (Minimum guaranteed quantity X (royalty + Additional Charge)+Amount of contribution payable to DMF ର ଏକ ଚତୁର୍ଥାଂଶ (25%) ରାଶି ଲିଜ ଚୂଡାନ୍ତ ହେବାର ୧୫ ଦିନ(ପନ୍ଦର) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକ ସୁଧ ବିହିନ ଅମାନତ ରାଶି(Security) ହିସାବରେ ରଖାଯିବ ।

୭)ଯୋଗ୍ୟ ବିବେଚତ ଲିଜଧାରୀ ଧାର୍ଯ୍ୟ ସମୟ ସୀମା ୦୩(ତିନ) ମାସ ମଧ୍ୟରେ Mining plan in Form-O, Environment clearance ଦାଖଲ କରିବେ ଏବଂ OMMC Rules,2016 ରେ ଥିବା ନୟମ ଅନୁଯାୟୀ Form-N ରେ ଚୁକ୍ତି ସ୍ଵାକ୍ଷର କରିବେ ଏବଂ Consent to Establish & Consent to Operate ମଧ୍ୟ ଦାଖଲ କରିବେ, ନଚେତ ତାଙ୍କର ଲିଜ ଅନୁମୋଦନ ବ୍ୟାଜାପ୍ତି କରାଯିବ ଓ ଜମା କରିଥିବା ରାଶି ବ୍ୟାଜାପ୍ତି କରାଯାଇ ସରକାରଙ୍କ ପାଣ୍ଠିକୁ ଚାଲିଯିବ ।ଯଦି ଆବେଦନ କରିଥିବା ସୈରାତ ଉତ୍ସଗୁଡିକର Mining plan ଏବଂ Environment clearance ପୂର୍ବରୁ କର୍ତ୍ତୁପକ୍ଷଙ୍କ ଦ୍ଵାରା ପ୍ରସ୍ତୁତ କମ୍ବା ଆବେଦନ କରାଯାଇଥିବ ତେବେ ପରବର୍ତ୍ତୀ ସମୟରେ ଯୋଗ୍ୟ ବିବେଚତ ଲିଜଧାରୀଙ୍କ ଠାରୁ Mining plan ଏବଂ Environment clearance ପ୍ରସ୍ତୁତି ର ଖର୍ଚ୍ଚ ଅସୁଲ କରାଯିବ । Environment clearance ପାଇଁ ହେଉଥିବା Public Hearing ଖର୍ଚ୍ଚ ମଧ୍ୟ ଲିଜଧାରୀ ନଜେ ବହନ କରିବେ ।

୮) Mining plan ଟି Form -O ରେ ଅନୁମୋଦିତ ହେବା ଆବଶ୍ୟକ ଓ Environment Clearance ଭାରତ ସରକାରଙ୍କ ଅଧିସୁଚନା ସଂଖ୍ୟା ୧୫୩୩ ତା. ୧୪.୦୯.୨୦୦୬ ଅନୁଯାଇ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ହେବା ବିଧେୟ ।

୯) Environment Clearance ମଂଞ୍ଜୁରୀ ହେଲାପରେ ଲିଜ୍ ଧାରୀ ଏକ ବର୍ଷ ପାଇଁ Royalty, Surface Rent, EMF=5% of (Royalty+Addl. Charges), DMF=10% of (Royalty+Addl. Charges) ଏବଂ Royalty ର 2% TDS ବାବଦକୁ ପୈଠ କରିବେ ଓ ସମ୍ପୂର୍ଣ ରାଶି ପୈଠହେଲାପରେ ଲିଜ୍ ଧାରୀ ନଜ ଖର୍ଚ୍ଚରେ ଲିଜ୍ Agreement ବା ଚୁକ୍ତି (Registration Act- 1908 and Stamp Act- 1899) ଅନୁଯାୟୀ ସମ୍ପାଦନ କରିବେ ।

୧୦) ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୧) ଲିଜଧାରୀ Approved mining plan ଏବଂ Environment Clearance ରେ ଥିବା ସମସ୍ତ ନୟମ ଓ ସର୍ତ୍ତାବଳୀ ଗୁଡିକୁ ପାଳନ କରିବେ ।

୧୨) ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ଵାରା ବାଡ ଦେଇ ଚହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜଧାରୀ ନଜ ଖର୍ଚ୍ଚ ରେ କରିବେ ।

TAHASILDAR ୦୧/୦୨/2022
LAKHANPUR

୧୩) Reserve Assessment Report, Mining plan , ଏବଂ Environment Clearance ବାବଦକୁ ଖର୍ଚ୍ଚ ଲିଜଧାରୀ ନଜେ ବହନ କରିବେ ।

୧୪) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।

୧୫) ଆବଶ୍ୟକ ସ୍ଥଳେ ନୟମ ଅନୁଯାୟୀ Security ବାବଦ ଜମାରାଶିକୁ ବାଜ୍ୟାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି ।

୧୬) ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ । ଏହା ବ୍ୟତୀତ ଇସ୍ତିହାରର ସମସ୍ତ ବିବରଣୀ ଜିଲ୍ଲା ୱେବ୍ ସାଇଟ୍ ରେ ମଧ୍ୟ ଦେଖିପାରିବେ ।

୧୭) ଯଦି ଇସ୍ତିହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୮) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ରଖି ପାରିବେ ।

୧୯) ସର୍ବନିମ୍ନ ନିଶ୍ଚିତ ପରିମାଣ ଏବଂ ଉତ୍ସ ର ରକବା ମାଇନିଂ ପ୍ଲାନ ଏବଂ Environment Clearance ଅନୁସାରେ ପରିବର୍ତ୍ତନ ହୋଇପାରେ ।

୨୦)ନିଲାମଧାରୀମାନେ OMMC Rules-2016 ର ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧ୍ୟ ହେବେ ।

୨୧)ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ଯେକୌଣସି ମୂହୁର୍ତରେ ଯଦି ନିୟମ ରେ କିଛି ପରିବର୍ତ୍ତନ ଘଟେ ତେବେ ଲିଜଧାରୀ ନୟମକୁ ମାନିବାକୁ ବାଧ୍ୟ ହେବେ ।

**ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ**

ପ୍ରଥମ ନିର୍ଦ୍ଧାରିତ ତାରିଖରେ ଯଥା ତା:-୨୭/୦୯/୨୦୨୨ ରିଖରେ ସୈରାତ୍ ଉତ୍ସର ନିଲାମ ହୋଇ ନ ପାରିଲେ, ଦ୍ୱିତୀୟ ଥର ତା:-୦୬/୧୦/୨୦୨୨ ରିଖ ଓ ତୃତୀୟ ଥର ପାଇଁ ତା:-୧୪/୧୦/୨୦୨୨ ରିଖ ରେ ନିଲାମ କରାଯିବ । ସୈରାତ୍ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି ।

09/09/2022

ତହସିଲଦାର, ଲଖନପୁର
TAHASILDAR
LAKHANPUR

Office of the Tahasildar ★ Lakhanpur

ଜ୍ଞାପକ ସଂଖ୍ୟା : 3544 ତାରିଖ :-୦୯/୦୯/୨୦୨୨

ଏହାର ଏକକତା ନକଲ ଜିଲ୍ଲାପାଳ, ଝାରସୁଗୁଡା / ଉପ-ଜିଲ୍ଲାପାଳ, ଝାରସୁଗୁଡା / ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଝାରସୁଗୁଡା ଝାରସୁଗୁଡା ଜିଲ୍ଲା ର ସମସ୍ତ ତହସିଲଦାର, / ଝାରସୁଗୁଡା ଜିଲ୍ଲା ର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, / ସମ୍ପୃକ୍ତ ଥାନା / ଲଖନପୁର ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ସମସ୍ତ ଗ୍ରାମ ପଂଚାୟତ / ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ରେ ସୂଚନା ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକତା ନକଲ ତହସିଲଦାର ଲଖନପୁରଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ୍ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଦିଆଗଲା ।

ଏହାର ଏକକତା ନକଲ DIO, NIC, Jharsuguda ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବା ସହିତ ଏହାକୁ ଜିଲ୍ଲା Website ରେ ବିଜ୍ଞାପନ ନିମନ୍ତେ ପ୍ରକାଶିତ କରିବା ପାଇଁ ଅନୁରୋଧ କରାଗଲା

09/09/2022

ତହସିଲଦାର, ଲଖନପୁର

TAHASILDAR
LAKHANPUR

Office of the Tahasildar
Lakhanpur

# ତହସିଲ କାର୍ଯ୍ୟାଳୟ, ଲଖନପୁର

**ଲଘୁ ଖଣିଜ ସୈରାତ ଉତ୍ସର ଲିଜ ସକାଶେ ଇସ୍ତାହାର (୨୦୨୨-୨୩ ରୁ ୨୦୨୬-୨୭ ଆର୍ଥିକ ବର୍ଷ ନମନ୍ତେ)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନମନ୍ତେ ଜଣାଇ ଦିଆଯାଉଅଛି ଯେ, ଝାରସୁଗୁଡା ଜିଲ୍ଲା ଲଖନପୁର ତହସିଲ ବିଜ୍ଞପ୍ତି ସଂଖ୍ୟା 3543 ତା: 07.07.2022 ରିଖ ଦ୍ୱାରା ଲଖନପୁର ତହସିଲ ଅଧିନରେ ଥିବା ୪ (ଚାରି) ଗୋଟି ସୈରାତ ଉତ୍ସର ନଲାମ ମାଧ୍ୟମରେ ଲିଜ ଦେବା ପାଇଁ ଇସ୍ତାହାର ପ୍ରକାଶିତ ହୋଇଅଛି । ଏହି ଇସ୍ତାହାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଜିଲ୍ଲା Website: www.jharsuguda.nic.in ରୁ Download କରିପାରିବେ । ନଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ Website ରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରି ପାରିବେ କିମ୍ବା ଲଖନପୁର ତହସିଲ କାର୍ଯ୍ୟାଳୟକୁ ଯୋଗାଯୋଗ କରି ନଲାମ ସମ୍ବନ୍ଧୀୟ ତଥ୍ୟ ନେଇପାରିବେ ।

| | |
|---|---|
| ମୁଦ ଦରଖାସ୍ତ ଦାଖଲର ଅନ୍ତିମ ତାରିଖ | : ୨୬.୦୯.୨୦୨୨ |
| ଦରଖାସ୍ତ ଉନ୍ମୋଚନ ଓ ତନଖିର ତାରିଖ | : ୨୭.୦୯.୨୦୨୨ |

07/07/2022

ତହସିଲଦାର, ଲଖନପୁର

TAHASILDAR
LAKHANPUR

# ସୈରାତ୍ ଉତ୍ସର ବିବରଣୀ

| କ୍ରମିକ ସଂଖ୍ୟା | କେସ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | କସମ | ଅନ୍ୟୁନ ଉତ୍ତୋଳନ ପରିମାଣ ପ୍ରତି ବର୍ଷ (MGQ in Cum) | ଅଗ୍ରିମ ଅମାନତ ରାଶି ଯାହାକି ବ୍ୟାଙ୍କ ଡ୍ରାଫ୍ଟ (Bank Draft) ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରାଯିବ(EMD) (In Rs.) |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ୦୧/୨୦୨୨ | ଗିରୋଲପାଲି ପଥର ଖାଦାନ | ୭୫ | ୬୧୨ | ଏ ୯.୩୨ ଡି | ପଥର ଚଟାଣ | ୧୮୫୨୪ | ଟ.୧,୯୧,୬୨୩.୦୦ |
| | | | | ୬୧୫ | ଏ ୦.୨୪ ଡି | ପଥର ଚଟାଣ | | |
| ୨. | ୦୨/୨୦୨୨ | ଦୁଦୋଲସିଂହା ବାଲି ଶଯ୍ୟା-କ | ୦୧ | ୨୭୬/୫୪୧ | ଏ ୧୨.୦୦ ଡି | ଜଳଭଣ୍ଡାର | ୭୦୦୦ | ଟ.୩୦,୪୫୦.୦୦ |
| ୩. | ୦୩/୨୦୨୨ | ଦୁଦୋଲସିଂହା ବାଲି ଶଯ୍ୟା -ଖ | ୦୧ | ୨୭୬/୫୪୧ | ଏ ୫.୦୦ ଡି | ଜଳଭଣ୍ଡାର | ୬୦୦୦ | ଟ.୨୬,୧୦୦.୦୦ |
| | | | | ୨୭୬/୫୪୦ | ଏ ୭.୦୦ ଡି | ଜଳଭଣ୍ଡାର | | |
| ୪. | ୦୪/୨୦୨୨ | ଦୁଦୋଲସିଂହା ବାଲି ଶଯ୍ୟା -ଗ | ୦୧ | ୨୭୬/୫୪୧ | ଏ ୯.୦୦ ଡି | ଜଳଭଣ୍ଡାର | ୫୦୦୦ | ଟ.୨୧,୭୫୦.୦୦ |
| | | | | ୨୭୬/୫୪୨ | ଏ ୩.୦୦ ଡି | ଜଳଭଣ୍ଡାର | | |

Office of the Tahasildar ★ Lakhanpur ★

2022

ତହସିଲଦାର, ଲଖନପୁର
TAHASILDAR
LAKHANPUR